ISSN: 2456-9194, Vol. II, Issue. IV, March 2019

# ପ୍ରତ୍ୟୟ

(Journal of Odia Language, Culture and Science)

JournalHomepage:http://cphfs.in/research.php



# ଓଡ଼ିଆ ଭାଷାର ମୂଳ: ପ୍ରାକୃତ ଭାଷା

**ଡ. କଳ୍ପତରୁ ନାୟକ**

ଅଧ୍ୟାପକ, ଓଡ଼ିଆ ବିଭାଗ

ମହାପୁରୁଷ ହାଡ଼ି ଦାସ ମହାବିଦ୍ୟାଳୟ, ଛତିଆ

Email: nayakchintu1988@gmail.com

***ସଂକ୍ଷିପ୍ତ ପରିଚୟ:*** *ଲୋକମୁଖର ସରଳ ଭାଷା ପ୍ରାକୃତ ଭାଷା। ସଂସ୍କୃତ ସାହିତ୍ୟରେ ଏହି ଭାଷା ଲୋକଭାଷା, ଜନଭାଷା, ସୁଖଗ୍ରାହ୍ୟ ଭାଷା ଭାବେ ପରିଚିତ ଥିଲା। ସଂସ୍କୃତ ନାଟକରେ ନାରୀ, ନିମ୍ନବର୍ଗର ବ୍ୟକ୍ତି ତଥା କର୍ମଚାରୀଙ୍କ ମୁଖରେ ପ୍ରାକୃତ ଭାଷାର ବ୍ୟବହାର ହେଉଥିଲା। କାଳିଦାସଙ୍କ 'କୁମାରସମ୍ଭବମ୍' ଗ୍ରନ୍ଥରେ ଶିବ-ପାର୍ବତୀଙ୍କ ବିବାହ ପରେ ଦେବୀ ସରସ୍ୱତୀ, ଶିବଙ୍କୁ ସଂସ୍କୃତ ଭାଷାରେ ଏବଂ ପାର୍ବତୀଙ୍କୁ ସୁଖଗ୍ରାହ୍ୟ ଭାଷାରେ ଆଶୀର୍ବାଦ କରିଥିବାର ଉଲ୍ଲେଖ ରହିଛି। ଅଞ୍ଚଳ ଭେଦରେ ପ୍ରାକୃତ ଭାଷାର ରୂପ ଭିନ୍ନଭିନ୍ନ । ତତ୍କାଳୀନ ଓଡ଼ିଶାର ଜନସାଧାରଣଙ୍କ ଦ୍ୱାରା କଥିତ ପ୍ରାକୃତ ଭାଷାର ନାମ ଓଡ୍ର-ପ୍ରାକୃତ । ଏହି ପ୍ରାକୃତ ଭାଷାରୁ ଓଡ଼ିଆ ଭାଷା ସୃଷ୍ଟ।*

***ପ୍ରମୁଖ ଶବ୍ଦ:*** *ପ୍ରାକୃତ ଭାଷା, ଓଡିଆ ଭାଷା, ସଂସ୍କୃତ,* ହେମଚନ୍ଦ୍ରଙ୍କ ବ୍ୟାକରଣ

ସମସ୍ତ କଳ୍ପନା ଜଳ୍ପନାର ଅନ୍ତ ଘଟାଇ 2014 ମସିହା ଫେବୃଆରୀ 20 ତାରିଖରେ ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷାର ମର୍ଯାଦା ପ୍ରାପ୍ତ କଲା । 'ସଂସ୍କୃତ ଭାଷାରୁ ନୁହେଁ ବରଂ ପ୍ରାକୃତ ଭାଷାରୁ ଓଡ଼ିଆ ଭାଷା ସୃଷ୍ଟ' – ଏହା ପ୍ରମାଣିତ ହେଲା । ଗୋପୀନାଥ ନନ୍ଦଶର୍ମା, ବେଣୀମାଧବ ପାଢ଼ୀ, ନୀଳକଣ୍ଠ ଦାସ ଆଦି ଓଡ଼ିଆ ଭାଷା ଗବେଷକଙ୍କ ମତ ସତ୍ୟ ହେଲା।

ସଂସ୍କୃତ ଭାଷାର ବିକୃତ ରୂପ ପ୍ରାକୃତ ଭାଷା ନୁହେଁ। ଏହା ବୈଦିକ ସମୟରେ ଥିଲା। ବୈଦିକ ସାହିତ୍ୟରେ ଏହାର ରୂପ ଉପଲବ୍ଧ । ଯଥା- ଋକବେଦ: ନିକଟ, କିକଟ, ବିକଟ, ଦଂଢ଼, ଦୁଢ଼ଭ, ଦୁଲଭ(ଦୁର୍ଲଭ), ବଂକ(ବକ୍ର), ବହୁ(ବଧୂ), ମେହ(ମେଘ), ପୁରାଣ(ପୁରାତନ); ଅଥର୍ବ ବେଦ: ପଶ୍ଚା(ପଶ୍ଚାତ୍); ଶୁକ୍ଳଯଜୁଃବେଦ:ନିସାସ(ନିସାସ), କାତ୍ତବ(କର୍ତ୍ତବ୍ୟ), ଦୁଲହ(ଦୁର୍ଲ୍ଲଭ)।

ପ୍ରାକୃତଭାଷା ଏବଂ ବିଭାଷା ସଂପର୍କରେ ଭରତମୁନି ନାଟ୍ୟଶାସ୍ତ୍ରରେ ମତ ଦିଅନ୍ତି-

ମାଗଧ ଅବନ୍ତିଜା ପ୍ରାଚ୍ୟା ଶୌରସେନ୍ୟ ଅର୍ଦ୍ଧମାଗଧୀ<br>
ବାହ୍ଲୀକା ଦାକ୍ଷିଣାଧ୍ୟା ଚ ସପ୍ତଭାଷା ପ୍ରକୀର୍ତ୍ତିତା।।<br>
ଶାକାରାଭୀର ଚଣ୍ଡାଳ ଶବର ଦ୍ରବିଡୋଡ୍ରଜାଃ<br>
ହୀନା ବନେଚରାଣାଞ୍ଚ ବିଭାଷା ନାଟକେସ୍ମୃତା।।

ଭୌଗୋଳିକ ସ୍ଥାନାନୁସାରେ ପ୍ରାକୃତ ଭିନ୍ନଭିନ୍ନ। ଭିନ୍ନତା ମଧ୍ୟରେ ବି କିଛି ସାମଞ୍ଜସ୍ୟ ଥିଲା। ମହାରାଷ୍ଟ୍ରୀ ପ୍ରାକୃତର ଅଧିକାଂଶ ଲକ୍ଷଣ ଅନ୍ୟାନ୍ୟ ପ୍ରାକୃତରେ ଲକ୍ଷ୍ୟ କରାଯାଏ। ତେଣୁ ମହାରାଷ୍ଟ୍ରୀ ପ୍ରାକୃତକୁ ସାମାନ୍ୟ ପ୍ରାକୃତ କୁହାଯାଏ। ସାମାନ୍ୟ ପ୍ରାକୃତର କେତୋଟି ନିୟମକୁ ନିମ୍ନରେ ଆଲୋଚନା କରାଗଲା।

ସଂସ୍କୃତ ଭାଷାରେ ଶବ୍ଦର ଅନାଦି ଅସଂଯୁକ୍ତ ଅବସ୍ଥାରେ ଥିବା କ-ଗ-ଚ-ଜ-ତ-ଦ-ପ-ୟ-ବ ବର୍ଣ୍ଣ ଗୁଡ଼ିକର ପ୍ରାକୃତ ଭାଷାରେ ହେମଚନ୍ଦ୍ରଙ୍କ ବ୍ୟାକରଣର (କ-ଗ-ଚ-ଜ-ତ-ଦ-ପ-ୟ-ବାଂ ପ୍ରାୟୋଲୁକ୍ 8/1/177) ସୂତ୍ର ଅନୁସାରେ ପ୍ରାୟତଃ ଲୋପ ହୋଇଥାଏ। ଉଦାହରଣ- ନକୁଳ >ନେଉଳ, ରାଜକୁଳ >ରାଉଳ, ନଗର >ନଅର, ସୁଚୀ >ସୁଇ, ବିଜାତି >ବିଆତି, ଚତୁର୍ଥୀ >ଚଉଠୀ, ଭଣତି >ଭଣଇ, ନଦୀ >ନଇ, କାୟା >କାଆ, ନବ >ନଅ।

- ସଂସ୍କୃତ ଭାଷାରେ ଶବ୍ଦର ଅନାଦି ଅସଂଯୁକ୍ତ ଅବସ୍ଥାରେ ଥିବା କ-ଗ-ଚ-ଜ-ତ-ଦ-ପ-ୟ-ବ ବର୍ଣ୍ଣଗୁଡ଼ିକର ପ୍ରାକୃତ ଭାଷାରେ ହେମଚନ୍ଦ୍ରଙ୍କ ବ୍ୟାକରଣର (କ-ଗ-ଚ-ଜ-ତ-ଦ-ପ-ୟ-ବାଂ ପ୍ରାୟୋଲୁକ୍ 8/1/177) ସୂତ୍ର ଅନୁସାରେ ପ୍ରାୟତଃ ଲୋପ ହୋଇଥାଏ। ଲୋପ ହେବାପରେ ରହିଯାଇଥିବା 'ଅ' ବର୍ଣ୍ଣ ସ୍ଥାନରେ (ଅବର୍ଣ ୟ ଶ୍ରୁତି 8/1/180) ସୂତ୍ରାନୁସାରେ 'ୟ' ହୋଇଥାଏ। ଉଦାହରଣ- କନକ >କଣୟ, ଅମୃତ >ଅମିୟ।
- ସଂସ୍କୃତ ଭାଷାରେ ଶବ୍ଦର ଅନାଦି ଅସଂଯୁକ୍ତ ଅବସ୍ଥାରେ ଥିବା ଖ-ଘ-ଥ-ଧ-ଭ ବର୍ଣ୍ଣଗୁଡ଼ିକ ପ୍ରାକୃତ ଭାଷାରେ ହେମଚନ୍ଦ୍ରଙ୍କ ବ୍ୟାକରଣର (ଖ-ଘ-ଥ-ଧ-ଭାମ୍ 8/1/187) ସୂତ୍ର ଅନୁସାରେ 'ହ' ବର୍ଣ୍ଣରେ ପରିଣତ ହୁଅନ୍ତି। ଉଦାହରଣ- ସଖି >ସହି, ମୁଖ >ମୁହଁ, ମେଘ >ମେହ, ନାଥ >ନାହା, ମଧୁ >ମହୁ, ସାଧୁ >ସାହୁ, ଦଧି >ଦହି, ଗଭୀର >ଗହୀର, ଶୋଭଇ >ଶୋହଇ, ଉଭୟ କୁଳ >ଓହୋ କୁଳ।
- ସଂସ୍କୃତ ଭାଷାରେ ଶବ୍ଦର ଅନାଦି ଅସଂଯୁକ୍ତ ଅବସ୍ଥାରେ ଥିବା 'ନ' ସ୍ଥାନରେ ପ୍ରାକୃତରେ ହେମଚନ୍ଦ୍ରଙ୍କ ବ୍ୟାକରଣର (ନୋ-ଣଃ 8/1/228) ସୂତ୍ର ଅନୁସାରେ 'ଣ' ହୋଇଥାଏ। ବନ >ବଣ, ପନସ >ପଣସ
- ସଂସ୍କୃତ ଶବ୍ଦରେ ଯଦି ଙ-ଞ-ଣ-ନ ବର୍ଣ୍ଣ ପରେ ବ୍ୟଞ୍ଜନ ବର୍ଣ୍ଣ ରହିଥାଏ, ତେବେ ପ୍ରାକୃତରେ ହେମଚନ୍ଦ୍ରଙ୍କ ବ୍ୟାକରଣର (ଙ-ଞ-ଣ-ନୋ ବ୍ୟଞ୍ଜନେ 8/1/25) ସୂତ୍ର ଅନୁସାରେ ସେଠାରେ 'ଅନୁସ୍ୱାର' ହୋଇଥାଏ ଏବଂ ଏହା ପୂର୍ବବର୍ତ୍ତୀ ବ୍ୟଞ୍ଜନ ସହ ଯୁକ୍ତ ହୋଇଥାଏ । ଶଙ୍କର>ଶଂକର, ସଙ୍ଗାତ>ସଂଗାତ, ସଞ୍ଜ>ସଂଜ, ବାଞ୍ଛାନିଧି>ବାଂଛାନିଧି, ନୀଳକଣ୍ଠ>ନୀଳକଂଠ, ଖଣ୍ଡ>ଖଂଡ, ସଦାନନ୍ଦ>ସଦାନଂଦ, କାନ୍ଥ >କାଂଥ।
- ସଂସ୍କୃତ ଭାଷାରେ ବ୍ୟବହୃତ 'କ୍ଷ' ସ୍ଥାନରେ ପ୍ରାକୃତରେ ହେମଚନ୍ଦ୍ରଙ୍କ ବ୍ୟାକରଣର (କ୍ଷଃ ଖଃ କ୍ୱଚିତ୍ତୁ ଛ-ଝୌ 8/2/3) ସୂତ୍ର ଅନୁସାରେ'ଖ' ବର୍ଣ୍ଣର ବ୍ୟବହାର ହୋଇଥାଏ ଏବଂ କ୍ୱଚିତ୍ 'ଛ' ଓ 'ଝ' ହୋଇଥାଏ। ଉଦାହରଣ- ଲକ୍ଷ୍ମୀ >ନଖିମି> ନଖି, ଲକ୍ଷ୍ମୀପାଦ ଚିତା >ନଛିପାଦ ଚିତା, କ୍ଷିଣ > ଝିନ।
- ସଂସ୍କୃତ ଭାଷାର ଶବ୍ଦରେ ବ୍ୟବହୃତ ସଂଯୁକ୍ତ ବ୍ୟଞ୍ଜନର ଉର୍ଦ୍ଧ୍ୱରେ ଯଦି କ-ଗ-ଟ-ଡ-ତ-ଦ-ପ-ଶ-ଷ-ସ ଥାଏ ତେବେ ହେମଚନ୍ଦ୍ରଙ୍କ ପ୍ରାକୃତ ବ୍ୟାକରଣର (କ-ଗ-ଟ-ଡ-ତ-ଦ-ପ-ଶ-ଷ-ସପାମୂର୍ଦ୍ଧ୍ୱଂ ଲୁକ୍ 8/2/77) ସୂତ୍ର ଅନୁସାରେ ସେହି ବର୍ଣ୍ଣଗୁଡ଼ିକର ଲୋପ ହୋଇଥାଏ। ଉଦାହରଣ- ଦୁଗ୍ଧ> ଦୁଧ, ଗୋଷ୍ଠ> ଗୋଠ।

ଅଞ୍ଚଳ ଭେଦରେ ପ୍ରାକୃତ ବିଭାଷାର ରୂପ ବିବିଧ। ତତ୍କାଳୀନ ଓଡ଼ିଶାର ଜନସାଧାରଣଙ୍କଦ୍ୱାରା କଥିତ ପ୍ରାକୃତ ଭାଷାର ନାମ ଓଡ୍ର ବିଭାଷା। 'ଓଡ଼ିଆ ଭାଷାର ମୂଳ ପ୍ରାକୃତ ଭାଷା' – ଏହାକୁ ଓଡ଼ିଶାର ଲୋକଭାଷା ଏବଂ ପ୍ରାଚୀନ ସାହିତ୍ୟରେ ବ୍ୟବହୃତ କେତେକ ଓଡ଼ିଆ ଶବ୍ଦ, କ୍ରିୟା, ବିଭକ୍ତ-ପ୍ରତ୍ୟୟ ଆଦିକୁ ଉଦାହରଣ ରୂପେ ନେଇ ଆଲୋଚନା କରାଯାଇପାରିବ।

"ଅଜା ଗଜା ବୁଢ଼ା ମେଷ
ଦୁଧର ଉପର ଦହିର ଶେଷ
ମାଛର ମା ଶାଗର ଝି
ୟାକୁ ନଖାଇ ଖାଇବୁ କି?"

ଏହି ଲୋକୋକ୍ତିରେ ବ୍ୟବହୃତ କେତେକ ଶବ୍ଦକୁ ଉଦାହରଣ ରୂପେ ନେଇ ପ୍ରାକୃତ ଭାଷାର ସ୍ୱରୂପକୁ ଆଲୋଚନା କରାଯାଇପାରେ-

- ଅଜା। 'ଅଜା' ଶବ୍ଦର ସଂସ୍କୃତ ରୂପ 'ଆର୍ଯ୍ୟ'। ହେମଚନ୍ଦ୍ର ବ୍ୟାକରଣର ସୂତ୍ର 8/2/79 (ସର୍ବତ୍ର ଲ-ବ-ରାମବନ୍ଦ୍ରେ) ଅନୁସାରେ 'ର୍ଯ୍ୟ' ସ୍ଥାନରେ 'ଯ୍ୟ' ହୋଇଛି । 8/2/24 (ଧ-ୟ୍ୟ-ର୍ଯୋଜଃ) ଅନୁସାରେ 'ଯ୍ୟ' ସ୍ଥାନରେ 'ଜ' ହୋଇଛି । ଅତଏବ ଆର୍ଯ୍ୟ>ଆଜ। ସୂତ୍ର 8/2/89 (ଅନାଦୌ ଶେଷା ଦେଶୟୋ ଦ୍ୱିତ୍ୱଂ) ଅନୁସାରେ ଜ>ଜ୍ଜ। 8/1/84 (ହ୍ରସ୍ୱସଂୟୋଗେ) ସୂତ୍ରାନୁସାରେ 'ଆ' ଦୀର୍ଘସ୍ୱର ସମ୍ମୁଖରେ 'ଜ୍ଜ' ସଂଯୁକ୍ତ ବ୍ୟଞ୍ଜନ ଥିବାରୁ ଦୀର୍ଘସ୍ୱର ହ୍ରସ୍ୱହୋଇ 'ଅ'ରେ ପରିଣତ ହୋଇଛି। ଆଜ୍ଜା>ଅଜ୍ଜା। ପରବର୍ତ୍ତୀ ସମୟରେ ସମସ୍ୱରୀଭବନଦ୍ୱାରା ଜ୍ଜ>ଜ-ରେ ପରିଣତ ହୋଇଛି। 'ଜ' ଲୋପ ହେବାରୁ କ୍ଷତିପୁରଣ ସ୍ୱରୂପ 'ଜା' ହୋଇ ଅଜ୍ଜ>ଅଜା।
- ବୁଢା। 'ବୁଢା' ଶବ୍ଦର ସଂସ୍କୃତ ରୂପ 'ବୃଦ୍ଧ'। ହେମଚନ୍ଦ୍ର ବ୍ୟାକରଣର ସୂତ୍ର 8/1/131 (ଉଦୃତ୍ୱାଦୌ) ଅନୁସାରେ 'ବୃଦ୍ଧ' ଶବ୍ଦର 'ବୃ' ସ୍ଥାନରେ 'ବୁ' ହୋଇଛି । ଅତଏବ ବୃଦ୍ଧ>ବୁଦ୍ଧ। 8/2/40 ସୂତ୍ର (ଦଗ୍ଧ-ବିଦଗ୍ଧ-ବୃଦ୍ଧି-ବୃଦ୍ଧେଢଃ) ଅନୁସାରେ 'ବୃଦ୍ଧ' ଶବ୍ଦର 'ଦ୍ଧ' ସ୍ଥାନରେ 'ଢ' ହୋଇଛି । ବୃଦ୍ଧ>ବୁଢ। ପୁଂଲିଙ୍ଗରେ ଦ୍ୱିତୀୟା ଏକବଚନର 'ଶସ୍' ପ୍ରତ୍ୟୟ (ବୁଢ + ଶସ୍) ଯୁକ୍ତ ହୋଇଛି। (ଜସ୍-ଶସୋର୍ଲୁକ୍ 8/3/4) ସୂତ୍ରଦ୍ୱାରା 'ଶସ୍' ପ୍ରତ୍ୟୟ ଲୋପ ହୋଇଛି ଏବଂ ସୂତ୍ର 8/3/12 (ଜସ୍-ଶସ୍-ଙସି-ତ୍ତୋ-ଦୋ-ଦ୍ୱାମି ଦୀର୍ଘଃ) ଅନୁସାରେ 'ଢ'ରେ ଥିବା ହ୍ରସ୍ୱସ୍ୱର ଦୀର୍ଘ ହୋଇଛି। ଏଣୁ ବୁଢ>ବୁଢା।
- ଦୁଧ। 'ଦୁଧ' ଶବ୍ଦର ସଂସ୍କୃତ ରୂପ 'ଦୁଗ୍ଧ'।ହେମଚନ୍ଦ୍ର ବ୍ୟାକରଣର ସୂତ୍ର 8/2/77 (କ-ଗ-ଟ-ଡ-ତ-ଦ-ପ-ଶ-ଷ-ସ ପାମୂର୍ଦ୍ଧ୍ୱଂ ଲୁକ୍) ଅନୁସାରେ 'ଦୁଗ୍ଧ' ଶବ୍ଦରେ ଥିବା 'ଗ୍ଧ' ସଂଯୁକ୍ତ ବ୍ୟଞ୍ଜନର ଉର୍ଦ୍ଧ୍ୱଭାଗରେ 'ଗ' ଥିବାରୁ ଲୋପହୋଇଛି ଏବଂ 'ଦୁଗ୍ଧ' ଶବ୍ଦ 'ଦୁଧ'ରେ ପରିଣତ ହୋଇଛି।
- ଦହି। 'ଦହି' ଶବ୍ଦର ସଂସ୍କୃତ ରୂପ 'ଦଧି'। ହେମଚନ୍ଦ୍ର ବ୍ୟାକରଣର ସୂତ୍ର 8/1/187 (ଖ-ଘ-ଥ-ଧ-ଭାମ୍) ଅନୁସାରେ 'ଧ' ସ୍ଥାନରେ 'ହ'ହୋଇଛି। ଏଣୁ ଦଧି>ଦହି।
- ମାଛ। 'ମାଛ' ଶବ୍ଦର ସଂସ୍କୃତ ରୂପ 'ମତ୍ସ୍ୟ'। ହେମଚନ୍ଦ୍ର ବ୍ୟାକରଣର ସୂତ୍ର 8/2/21 (ହ୍ରସ୍ୱାତ୍ଥ୍ୟ-ଶ୍ଚ-ତ୍ସ-ପ୍ସାମନିଶ୍ଚଲେ) ଅନୁସାରେ ହ୍ରସ୍ୱସ୍ୱର ଆଗରେ 'ତ୍ସ' ସଂଯୁକ୍ତ ବ୍ୟଞ୍ଜନ ଥିବାରୁ 'ତ୍ସ' ସ୍ଥାନରେ 'ଛ' ହୋଇଥାଏ।ଅତଏବ ମତ୍ସ>ମଛ। 8/2/89 ସୂତ୍ର (ଅନାଦୌ ଶେଷାଦେଶୟୋର୍ଦ୍ୱିତ୍ୱମ୍) ଅନୁସାରେ 'ଛ' ଦ୍ୱିତ୍ୱ ହୋଇଛି। ଛ>ଚ୍ଛ। ପ୍ରାକୃତ ଭାଷାରେ ମହାପ୍ରାଣର ଦ୍ୱିତ୍ୱରୂପ ଅନୁପଲବ୍ଧ। ସୂତ୍ର 8/2/90 (ଦ୍ୱିତୀୟ ତୁର୍ଯୟୋରୁପରି ପୂର୍ବଃ) ଅନୁସାରେ 'ଚ୍ଛ' ହୋଇଛି। ମଚ୍ଛ>ମଛ। ମହାପ୍ରାଣ ବର୍ଣ୍ଣର ଆଧିକ୍ୟ ହେତୁ

'ଚ' ଲୋପ ପାଇବାରୁ କ୍ଷତିପୂରଣ ସ୍ୱରୂପ ପୂର୍ବବର୍ତ୍ତୀ ହ୍ରସ୍ୱସ୍ୱର ଦୀର୍ଘହୋଇ'ମଚ୍ଛ' ଶବ୍ଦଟି 'ମାଛ'ରେ ପରିଣତ ହୋଇଛି।

- ଶାଗ। 'ଶାଗ' ଶବ୍ଦର ସଂସ୍କୃତ ରୂପ 'ଶାକ'। ଅର୍ଦ୍ଧମାଗଧୀ ପ୍ରାକୃତରେ 'କ' ସ୍ଥାନରେ 'ଗ' ହୋଇଥାଏ। ଶାକ>ଶାଗ।

ଅନ୍ୟ କେତେକ ଶବ୍ଦକୁ ଉଦାହରଣ ରୂପେ ନିଆଯାଇପାରେ :

- ଜୁଇ। 'ଜୁଇ' ଶବ୍ଦର ସଂସ୍କୃତ ରୂପ 'ଦ୍ୟୁତି'। ହେମଚନ୍ଦ୍ର ବ୍ୟାକରଣର ସୂତ୍ର 8/2/24 (ଦ୍ୟ-ଯ୍ୟ-ର୍ଯୋଜଃ) ଅନୁସାରେ ସଂଯୁକ୍ତ ବ୍ୟଞ୍ଜନ 'ଦ୍ୟ' ସ୍ଥାନରେ 'ଜ' ହୋଇଥାଏ। ଦ୍ୟୁତି>ଜୁତି। ସୂତ୍ର 8/1/177 (କ-ଗ-ଚ-ଜ-ତ-ଦ-ପ-ୟ-ବାଂ ପ୍ରାୟୋଲୁକ୍) ଅନୁସାରେ ଅନାଦି ଅସଂଯୁକ୍ତ ଅବସ୍ଥାରେ ଥିବା 'ଜ' ଲୋପ ହୋଇଛି। ଜୁତି>ଜୁଇ।
- ଓଝା। 'ଓଝା' ଶବ୍ଦର ସଂସ୍କୃତ ରୂପ 'ଉପାଧ୍ୟାୟ'। ହେମଚନ୍ଦ୍ର ବ୍ୟାକରଣର ସୂତ୍ର 8/1/173 (ଊଚୋପେ) ଅନୁସାରେ ଆଦିସ୍ୱର 'ଉ' ସହିତ 'ପ' ବ୍ୟଞ୍ଜନକୁ ଦୀର୍ଘ-ଊ ଏବଂ 'ଓ' ଆଦେଶ ହୋଇଥାଏ। ଉପାଧ୍ୟାୟ>ଓଧ୍ୟାୟ। (ସାଧ୍ୱସ୍-ଧ୍ୟ-ହ୍ୟା-ଝଃ) 8/2/26 ସୂତ୍ର ଅନୁସାରେ 'ଧ' ସ୍ଥାନରେ 'ଝ' ହୋଇଛି। 8/2/89 ସୂତ୍ର (ଅନାଦୌ ଶେଷାଦେଶୟୋର୍ଦ୍ୱିତ୍ୱମ୍) ଅନୁସାରେ 'ଝ୍ଝ' ଦ୍ୱିତ୍ୱ ହୋଇଛି। ଝ>ଝ୍ଝ। ପ୍ରାକୃତ ଭାଷାରେ ମହାପ୍ରାଣର ଦ୍ୱିତ୍ୱରୂପ ଅନୁପଲବ୍ଧ। ସୂତ୍ର 8/2/90 (ଦ୍ୱିତୀୟ ତୁର୍ଯୟୋରୁପରି ପୂର୍ବଃ) ଅନୁସାରେ 'ଜ୍ଝ' ହୋଇଛି। ଓଝ୍ଝାୟ>ଓଜ୍ଝାୟ। ସୂତ୍ର 8/1/177 (କ-ଗ-ଚ-ଜ-ତ-ଦ-ପ-ୟ-ବାଂ ପ୍ରାୟୋଲୁକ୍) ଅନୁସାରେ ଅନାଦି ଅସଂଯୁକ୍ତ ଅବସ୍ଥାରେ ଥିବା 'ୟ' ଲୋପ ହୋଇଛି। ଓଜ୍ଝାୟ>ଓଜ୍ଝାଅ। ମହାପ୍ରାଣ ବର୍ଣ୍ଣର ଆଧିକ୍ୟ ହେତୁ 'ଜ' ଲୋପ ପାଇଛି। ଓଜ୍ଝାଅ>ଓଝାଅ>ଓଝା।
- ଗର୍ଭଣୀ। 'ଗର୍ଭଣୀ' ଶବ୍ଦର ସଂସ୍କୃତରୂପ 'ଗର୍ଭବତୀ'। ହେମଚନ୍ଦ୍ର ବ୍ୟାକରଣର ସୂତ୍ର 8/1/208 (ଗର୍ଭିତାତିମୁକ୍ତକେ ଣଃ) ଅନୁସାରେ 'ତ' ସ୍ଥାନରେ 'ଣ' ହୋଇଛି। ଗର୍ଭବତୀ>ଗର୍ଭବଣୀ। ସୂତ୍ର 8/1/177 (କ-ଗ-ଚ-ଜ-ତ-ଦ-ପ-ୟ-ବାଂ ପ୍ରାୟୋଲୁକ୍) ଅନୁସାରେ ଅନାଦି ଅସଂଯୁକ୍ତ ଅବସ୍ଥାରେ ଥିବା 'ବ' ବର୍ଣ୍ଣ ଲୋପ ହୋଇଛି। ଗର୍ଭବଣୀ>ଗର୍ଭଅଣୀ>ଗର୍ଭଣୀ।
- ଡୋଳା। 'ଡୋଳା' ଶବ୍ଦର ସଂସ୍କୃତ ରୂପ 'ଦୋଳା'। ହେମଚନ୍ଦ୍ର ବ୍ୟାକରଣର ସୂତ୍ର 8/1/217 (ଦଶନ-ଦଷ୍ଟ-ଦଗ୍ଧ-ଦୋଳା-ଦଣ୍ଡ-ଦର-ଦାହ-ଦମ୍ଭ-ଦର୍ଭ-କଦମ-ଦୋହଦେ ଦୋ ବା ଡଃ) ଅନୁସାରେ 'ଦ' ସ୍ଥାନରେ 'ଡ' ହୋଇଛି।
- ଚଉଠ। 'ଚତୁର୍ଥ' ଶବ୍ଦ ସ୍ଥାନରେ ପ୍ରାକୃତରେ 'ଚଉଠ' ଶବ୍ଦର ବ୍ୟବହାର ହେଉଥିଲା। 'ଚତୁର୍ଥ' ଶବ୍ଦଟି ସ୍ତ୍ୟାନ-ଚତୁର୍ଥାର୍ଥେ ବା (8/2/33) 'ସିଦ୍ଧହେମଶବ୍ଦାନୁଶାସନମ୍' ବ୍ୟାକରଣ ଗ୍ରନ୍ଥର ସୂତ୍ରାନୁସାରେ 'ଚତୁଠ'ରେ ପରିଣତ ହୋଇଛି। 'ଚତୁଠ' ଶବ୍ଦଟି କ-ଗ-ଚ-ଜ-ତ-ଦ-ପ-ୟ ବାଂପ୍ରାୟୋଲୁକ୍ (8/1/177) ସୂତ୍ରାନୁସାରେ 'ଚଉଠ'ରେ ପରିଣତ ହୋଇଛି।
- ଅଥରପା। 'ଅସ୍ଥିରପାଦ' ଶବ୍ଦ ସ୍ଥାନରେ ପ୍ରାକୃତରେ 'ଅଥରପା' ଶବ୍ଦର ବ୍ୟବହାର ହେଉଥିଲା। 'ଅସ୍ଥିରପାଦ' ଶବ୍ଦଟି କ-ଗ-ଚ-ଜ-ତ-ଦ-ପ-ୟବାଂ ପ୍ରାୟୋଲୁକ୍ (8/1/177) ସୂତ୍ରାନୁସାରେ 'ଅସ୍ଥିରପାଅ'ରେ ପରିଣତ ହୋଇଛି। ବହୁଳମ୍ (8/1/2) ସୂତ୍ରଯୋଗେ 'ଅସ୍ଥିର ପାଅ' ଶବ୍ଦରେ 'ଆ' ଏବଂ 'ଅ' ସ୍ୱର ମଧ୍ୟରେ ସନ୍ଧିହୋଇ 'ଅସ୍ଥିରପା' ହୋଇଛି। କ-ଗ-ଟ-ଡ-ତ-ଦ-ପ-ଶ-ଷ-ସପାଉର୍ଦ୍ଧ୍ୱମ୍ ଲୁକ୍ (8/2/77) ସୂତ୍ରାନୁସାରେ 'ଅସ୍ଥିରପା' ଶବ୍ଦରୁ 'ସ' ଲୋପହୋଇ 'ଅଥିରପା' ହୋଇଛି। ସମସ୍ୱରୀଭବନ 'ଅଥିର + ପା' ଶବ୍ଦ 'ଅଥର + ପା' ହୋଇ 'ଅଥରପା' ହୋଇଛି।
- ଛତୁ। 'ଶକ୍ରୁ' ଶବ୍ଦସ୍ଥାନରେ ପ୍ରାକୃତରେ 'ଛତୁ' ଶବ୍ଦର ବ୍ୟବହାର ହେଉଥିଲା। 'ଶକ୍ରୁ' ଶବ୍ଦଟି ଷଟ୍-ଶମୀ-ଶାବ-ସୁଧା-ସପ୍ତପର୍ଣେ ଷ୍ୱାଦେରଛଃ (8/1/265) ସୂତ୍ରାନୁସାରେ 'ଛକ୍ତୁ'ହୋଇଛି। କ-ଗ-ଟ-ଡ-ତ-ଦ-ପ-ଶ-ଷ-ସ ପାଉର୍ଦ୍ଧ୍ୱମ୍ ଲୁକ୍ (8/2/77) ସୂତ୍ରାନୁସାରେ 'ଛକ୍ତୁ' ଶବ୍ଦରୁ 'ଶ' ଲୋପହୋଇ 'ଛତୁ' ହୋଇଛି।

ପ୍ରାକୃତ ଧାତୁରୁ ଗଠିତ ଓଡ଼ିଆ କ୍ରିୟାପଦ:

- ଋ-କାରାନ୍ତ ଧାତୁରେ ପ୍ରାକୃତରେ ଋ-କାର ସ୍ଥାନରେ 'ଅର୍' ଆଦେଶ ହୋଇଥାଏ ଏବଂ 'ଅ'ବିକରଣ ଯୋଗ କରାଯାଇ ପ୍ରାକୃତ ଧାତୁ ଗଠନ କରାଯାଇଥାଏ। ପରେ ଏହି ଧାତୁରେ ବିଭିନ୍ନ ପ୍ରତ୍ୟୟ ଯୋଗ କରାଯାଇ ଭିନ୍ନଭିନ୍ନ କ୍ରିୟା ଗଠନ କରାଯାଇଥାଏ। ଯଥା-

  କୃ>କର୍, କର୍ + ଅ= କର, କର + ଅଇ= କରଇ

  ଧୃ>ଧର୍, ଧର୍ + ଅ= ଧର, ଧର + ଅଇ= ଧରଇ

  ହୃ>ହର୍, ହର୍ + ଅ= ହର, ହର + ଅଇ= ହରଇ

  ଏହିପରି 'ମୃ', 'ତୃ' ଆଦି ଧାତୁରେ ଉକ୍ତ ନିୟମ ପରିଲକ୍ଷିତ।

- ଇ-କାରାନ୍ତ ଧାତୁର 'ଇ' ଧ୍ୱନି ସ୍ଥାନରେ 'ଏ' ଯୋଗ କରାଯାଇ ପ୍ରାକୃତ ଧାତୁ ଗଠନ କରାଯାଏ।

  ନି- ନେ: ନେଉ, ନେବ

- ପ୍ରାକୃତରେ ବର୍ତ୍ତମାନ କାଳର ମଧ୍ୟମ ପୁରୁଷ ଏକ ବଚନରେ 'ସି' ପ୍ରତ୍ୟୟଯୁକ୍ତ ହୋଇ କ୍ରିୟାପଦ ଗଠିତହୁଏ। ଯଥା-

  ଖା- ଖା + ଅ= ଖାଅ, ଖାଅ + ସି= ଖାଅସି

  ଯା- ଯା + ଅ= ଯାଅ, ଯାଅ + ସି= ଯାଅସି

  ଖାଅସି, ଯାଅସି ଆଦି କ୍ରିୟାର ଯଥେଷ୍ଟ ବ୍ୟବହାର ସାରଳା ମହାଭାରତରେ ରହିଛି।

- ଆଦେଶ ବା ଅନୁଜ୍ଞା ଅର୍ଥରେ ତୃତୀୟ ପୁରୁଷ ଏକ ବଚନରେ ଧାତୁ ସହ 'ଉ' ଏବଂ ବହୁବଚନରେ ଧାତୁ ସହ 'ନ୍ତୁ' ପ୍ରତ୍ୟୟ ଯୋଗ କରାଯାଇଥାଏ। ଉଦାହରଣ-

  ହୃ>ହର୍, ହର୍ + ଅ= ହର,ହର + ଉ= ହରୁ –ପର ରମଣୀ କିମ୍ପା ହରୁ। (ଭାଗବତ)

ତୃ>ତର୍, ତର୍ + ଅ= ତର,ତର + ନ୍ତୁ= ତରନ୍ତୁ –ଭବୁ ତରନ୍ତୁ ଏହା ଗାଇ। (ଭାଗବତ)

- ଯୁଧ୍, ବୁଧ୍, ଗୃଧ୍, କ୍ରୁଧ୍, ସିଧ୍, ମୁହ୍ ଆଦି ଧାତୁର ଅନ୍ତ୍ୟ ବ୍ୟଞ୍ଜନ ସ୍ଥାନରେ 'ଜ୍ଝ' ହୋଇଥାଏ। ଯୁଜ୍ଝ, ବୁଜ୍ଝ, ଗିଜ୍ଝ, କୁଜ୍ଝ, ସିଜ୍ଝ, ମୁଜ୍ଝଆଦି। ଓଡ଼ିଆ - ଯୁଜ୍ଝ (ଯୁଜ୍ଝଇ), ବୁଜ୍ଝ (ବୁଜ୍ଝଇ), ସିଜ୍ଝ (ସିଜ୍ଝଇ)
- ଗମ୍, ଇଷ୍, ଯମ୍, ଆସ୍ ଆଦି ଧାତୁର ଅନ୍ତ୍ୟ ବ୍ୟଞ୍ଜନ ସ୍ଥାନରେ 'ଛ' ହୋଇଥାଏ। ଗଛ, ଇଛ, ଯଛ, ଆଛ/ଅଛ ଆଦି। ଗଛ (ଗଛଇ), ଇଛ (ଇଛଇ), ଅଛ (ଅଛଇ)।
- ବର୍ତ୍ତମାନ କାଳର ପ୍ରାକୃତ ଧାତୁରେ ତୃତୀୟ ପୁରୁଷର ଏକବଚନରେ 'ଇ' ପ୍ରତ୍ୟୟ ଏବଂ ବହୁବଚନରେ 'ନ୍ତି' ପ୍ରତ୍ୟୟ ଯୋଗ କରାଯାଇଥାଏ।
  ବର୍ତ୍ତମାନ କାଳର ତୃତୀୟ ପୁରୁଷ ଏକବଚନ- କହ + ଇ= କହଇ
  ବର୍ତ୍ତମାନ କାଳର ପ୍ରାକୃତ ଧାତୁରେ ତୃତୀୟ ପୁରୁଷର ବହୁବଚନ- ବୋଲ + ନ୍ତି =ବୋଲନ୍ତି
- ଦ୍ୱିତୀୟା ବିଭକ୍ତିରେ 'ତେ' ପ୍ରତ୍ୟୟ ଏବଂ ତୃତୀୟା ଓ ସପ୍ତମୀ ବିଭକ୍ତିରେ 'ଏ' ପ୍ରତ୍ୟୟର ଚିହ୍ନ ପ୍ରାକୃତରେ ବ୍ୟବହୃତ ହୋଇଥାଏ; ଯାହା ଅବିକଳ ଭାବେ ଓଡ଼ିଆରେ ବ୍ୟବହୃତ ହେଉଛି।
- ସଂସ୍କୃତରେ କହିବା ଅର୍ଥରେ ଯେଉଁଠି 'କଥ୍' ଧାତୁ ବ୍ୟବହାର ହେଉଥିଲା ପ୍ରାକୃତରେ ସେହି ସ୍ଥାନରେ ବଜ୍ଜର, ଉପ୍ପାଲ, ପଜ୍ଜର, ପିସୁଣ, ସଂଘ, ବୋଲ୍ଲ, ଚବ, ଜମ୍ପ, ସୀସ ଏବଂ କହ ଧାତୁର ବ୍ୟବହାର ହେଉଥିଲା। (କଥେର୍ବଜ୍ଜର-ପଜ୍ଜରୋପ୍ପାଳ-ପିସୁଣ-ସଂଘ-ବୋଲ୍ଲ-ଚବ-ଜମ୍ପ-ସୀସ-ସାହାଃ 8/4/2)

ଏଥି ମଧ୍ୟରୁ ଓଡ଼ିଆରେ ବଜ୍ଜର (ବଜ୍ଜର ବଜ୍ଜର ହେବା), ବୋଲ୍ଲ (ବୋଲ୍ଲଇ), ଚବ (ଚବ-ଚବହେବା), କହ (କହଇ) ଧାତୁରେ ଗଠିତ କ୍ରିୟାପଦର ପ୍ରୟୋଗ ରହିଛି।

- ସଂସ୍କୃତରେ କହିବା ଅର୍ଥରେ ଯେଉଁଠି 'ଜ୍ଞା' ଧାତୁ ବ୍ୟବହାର ହେଉଥିଲା ପ୍ରାକୃତରେ ସେହି ସ୍ଥାନରେ ଜାଣ ଏବଂ ମୁଣଧାତୁର ବ୍ୟବହାର ହେଉଥିଲା। (ଜ୍ଞୋଜାଣ-ମୁଣୌ 8/4/7)

ଏହି ଦୁଇଧାତୁରେ ଗଠିତ କ୍ରିୟାପଦର ପ୍ରୟୋଗ ଓଡ଼ିଆ ଭାଷାରେ ରହିଛି । ଜ୍ଞା - ଜାଣ (ଜାଣଇ), ମୁଣ (ମଣଇ)

- ଠିଆହେବା ଅର୍ଥରେ ସଂସ୍କୃତରେ ଯେଉଁଠି 'ସ୍ଥା' ଧାତୁ ବ୍ୟବହାର ହେଉଥିଲା ପ୍ରାକୃତରେ ସେହି ସ୍ଥାନରେ ଠା, ଥକ୍କ, ଚିଟ୍ଠ, ନିରପ୍ପ ଆଦି ଧାତୁର ବ୍ୟବହାର ହେଉଥିଲା। (ସ୍ଥଷ୍ଟା-ଥକ୍କ-ଚିଷ୍ଠ-ନିରପ୍ପାଃ 8/4/16)

ଓଡ଼ିଆ ଭାଷାରେ ଠା, ଥକ୍କ, ନିରପ୍ପ ଆଦି ଧାତୁରେ ଗଠିତ କ୍ରିୟାପଦର ପ୍ରୟୋଗ ରହିଛି।

- 'ଉତ୍' ଉପସର୍ଗ ପରେ 'ସ୍ଥା' ଧାତୁକୁ ପ୍ରାକୃତରେ ଠ ଏବଂ କୁକ୍କୁର ଆଦେଶ ହୋଇଥାଏ। (ଉଦଷ୍ଟ-କୁକ୍କୁରୌ 8/4/17)

ଓଡ଼ିଆ ଭାଷାରେ 'ଉତ୍+ ଠା= ଉଠାଇବା' କ୍ରିୟାପଦର ପ୍ରୟୋଗ ରହିଛି।

- ପ୍ରାରମ୍ଭ ବା ଉଦ୍ଘାଟନ ଅର୍ଥଯୁକ୍ତ 'ଘଟ୍' ଧାତୁ ପୂର୍ବରୁ 'ଉତ୍' ଉପସର୍ଗଯୁକ୍ତ ହେଲେ ପ୍ରାକୃତରେ 'ଉଗ୍ଗ' ଧାତୁର ବ୍ୟବହାର ହୋଇଥାଏ।

ଓଡ଼ିଆ ଭାଷାରେ ଏହି ଧାତୁରେ ନିର୍ମିତ କ୍ରିୟାପଦର ବ୍ୟବହାର ରହିଛି। ଉଗ୍ଗ (ଉଗାରିବା)

- ସଂସ୍କୃତରେ କ୍ରୟ କରିବା ଅର୍ଥରେ ଯେଉଁଠି 'କ୍ରିୟ' ଧାତୁ ବ୍ୟବହାର ହେଉଥିଲା ପ୍ରାକୃତରେ ସେହିସ୍ଥାନରେ 'କିଣ' ଧାତୁର ବ୍ୟବହାର ହେଉଥିଲା।

ଏହି 'କିଣ୍' ଧାତୁରେ ଗଠିତ କ୍ରିୟାପଦର ବ୍ୟବହାର ଓଡ଼ିଆ ଭାଷାରେ ହେଉଛି । କିଣ (କିଣଇ)

'ବି' ଉପସର୍ଗଯୁକ୍ତ'କିଣ୍' ଧାତୁରେ ଗଠିତ କ୍ରିୟାପଦ-ବିକଇ, ବିକିବ, ବିକିଲା....

ଦ୍ରଷ୍ଟବ୍ୟ- 'ବି' ଉପସର୍ଗଯୁକ୍ତ ହେଲେ 'କିଣ୍' ଧାତୁରୁ 'ଣ' ଲୋପ ହୋଇଥାଏ।

- ହେବା ଅର୍ଥରେ ସଂସ୍କୃତରେ ଯେଉଁଠି 'ଭୂ' ବା 'ଭବ୍' ଧାତୁ ବ୍ୟବହାର ହୋଇଥାଏ। ପ୍ରାକୃତରେ ସେହିସ୍ଥାନରେ ହୋ, ହୁବ ଏବଂ ହବ ଧାତୁର ବ୍ୟବହାର ହୋଇଥାଏ। (ଭୁବେର୍ହୋ-ହୁବ-ହବାଃ 8/4/60)

ଓଡ଼ିଆ ଭାଷାରେ ଏହି ଧାତୁରେ ଗଠିତ କ୍ରିୟାପଦର ବ୍ୟବହାର ରହିଛି। ହୋ (ହୋଇ), ହବ (ହବ)

- ସ୍ମରଣ କରିବା ଅର୍ଥଯୁକ୍ତ ସଂସ୍କୃତ 'ସ୍ମର' ଧାତୁ ସ୍ଥାନରେ ପ୍ରାକୃତରେ ଝର, ଝୁର, ଭର, ଭଳ, ଲଢ଼, ବିମ୍ହର, ସୁମର, ପୟର, ପମ୍ହୁହ, ସର ଆଦି ଧାତୁର ବ୍ୟବହାର ହୋଇଥାଏ। (ସ୍ମରେର୍ଝ-ଭର-ଭଳ-ଲଢ଼-ବିମ୍ହର-ସୁମର-ପୟର-ପମ୍ହୁହାଃ 8/4/74)

ଓଡ଼ିଆ ଭାଷାରେ ଝୁର, ଭଳ, ବିମ୍ହର, ସୁମର, ସର ଆଦି ଧାତୁରେ ଗଠିତ କ୍ରିୟାପଦର ବ୍ୟବହାର ରହିଛି। ଝୁର (ଝୁରଇ), ଭଳ (ଭାଳଇ), ବିମ୍ହର (ବିମ୍ହରଇ), ସୁମର (ସୁମରଇ), ସର (ସରଇ)

- ତ୍ୟାଗ ବା ଛାଡ଼ିବା ଅର୍ଥଯୁକ୍ତ ସଂସ୍କୃତ 'ମୁଚ୍' ଧାତୁ ସ୍ଥାନରେ ପ୍ରାକୃତରେ ଛଡ୍ଡ, ଅବହେଡ, ମେଲ୍ଲ, ଉସ୍ସିକ୍କ, ରେଅବ, ଣିଲୁଞ୍ଛ, ଧଂସାଡ଼, ମୁଅ ଆଦି ଧାତୁର

ବ୍ୟବହାର ହୋଇଥାଏ। (ମୁଚେଶ୍ଛଡ୍ଡାବହେଡ-ମେଲ୍ଲୋସ୍ସିକ୍କ-ରେଅବଣିଲୁଞ୍ଛ-ଧଂସାଡାଃ ୪/୪/91)

ଓଡ଼ିଆ ଭାଷାରେ ଛଡ୍ଡ, ଅବହେଡ, ମେଲ୍ଲ ଆଦି ଧାତୁରେ ଗଠିତ କ୍ରିୟାପଦର ବ୍ୟବହାର ରହିଛି। ଛଡ୍ଡ (ଛାଡଇ), ମେଲ୍ଲ (ମେଲଇ)

- ସଂସ୍କୃତରେ ସେଚନ ଅର୍ଥରେ ଯେଉଁଠି 'ସିଚ୍' ଧାତୁର ବ୍ୟବହାର ହେଉଥିଲା ପ୍ରାକୃତରେ ସେହି ଅର୍ଥରେ ସିଂଚ, ସିମ୍ପ, ସିଅ ଆଦି ଧାତୁର ବ୍ୟବହାର ହେଉଥିଲା। (ସିଚେଃସିଞ୍ଚ-ସିମ୍ପୌ ୪/୪/୨6)

ଓଡ଼ିଆରେ ସିଂଚ ଧାତୁରେ ଗଠିତ କ୍ରିୟାପଦର ବ୍ୟବହାର ରହିଛି। ସିଂଚ (ସିଂଚଇ)

- ସମର୍ଥ ହେବା ଅର୍ଥରେ ସଂସ୍କୃତରେ 'ସକ୍' ଧାତୁର ବ୍ୟବହାର ହୋଇଥାଏ। ପ୍ରାକୃତରେ ସେହି ସ୍ଥାନରେ ଚୟ, ତର, ତୀର, ପାର ଆଦି ଧାତୁର ବ୍ୟବହାର ହୋଇଥାଏ। (ଶକେଶ୍ଚୟ-ତର-ତୀର-ପାରାଃ ୪/୪/୪6)

ଓଡ଼ିଆରେ ତର, ପାର ଧାତୁରେ ଗଠିତ କ୍ରିୟାପଦର ବ୍ୟବହାର ପରିଲକ୍ଷିତ। ତର(ତରିବେ),ପାର(ପାରିବ)..

- ବୁଡ଼ିବା, ସ୍ନାନ କରିବା, ପରିଷ୍କାର କରିବା ଅର୍ଥରେ ସଂସ୍କୃତରେ ଯେଉଁଠି 'ମର୍ଜ' ଧାତୁର ବ୍ୟବହାର ହେଉଥିଲା ପ୍ରାକୃତରେ ସେହି ଅର୍ଥରେ ଆଉଡ୍ଡ, ଣିଉଡ୍ଡ, ବୁଡ୍ଡ, ଖୁପ୍ପ, ମଜ୍ଜ ଆଦି ଧାତୁର ବ୍ୟବହାର ହେଉଥିଲା। (ମର୍ଜେରାଉଡ୍ଡ-ଣିଉଡ୍ଡ-ବୁଡ୍ଡ-ଖୁପ୍ପାଃ ୪/୪/101)

ବୁଡ୍ଡ, ମଜ୍ଜ ଧାତୁରେ ଗଠିତ କ୍ରିୟାପଦର ବ୍ୟବହାର ଓଡ଼ିଆରେ ପରିଲକ୍ଷିତ। ବୁଡ୍ଡ(ବୁଡ଼ିବ),ମଜ୍ଜ(ମାଜିଲା)..

- ଭୋଜନ କରିବା ଅର୍ଥରେ ସଂସ୍କୃତରେ ଯେଉଁଠି 'ଭୁଜ୍' ଧାତୁର ବ୍ୟବହାର ହେଉଥିଲା, ପ୍ରାକୃତରେ ସେହି ଅର୍ଥରେ ଭୁଞ୍ଜ, ଜିମ, ଜେମ, କମ୍ମ, ଅଣ୍ହ, ଚମଢ, ସମାଣ, ଚଡ୍ଡ ଏବଂ ଭୁଜ୍ ଆଦି ଧାତୁର ବ୍ୟବହାର ହେଉଥିଲା। (ଭୁଜୋ-ଭୁଞ୍ଜ-ଜିମ-ଜେମ-କମ୍ମାଣ୍ହ-ଚମଢ଼-ସମାଣ-ଚଡ୍ଡାଃ ୪/୪/110)

ଭୁଞ୍ଜ ଧାତୁରେ ଗଠିତ କ୍ରିୟାପଦର ବ୍ୟବହାର ଓଡ଼ିଆରେ ପରିଲକ୍ଷିତ। ଭୁଞ୍ଜ(ଭୁଞ୍ଜଇ)

- ନିର୍ମାଣ କରିବା ଅର୍ଥରେ ସଂସ୍କୃତରେ ଯେଉଁଠି 'ଘଟ୍' ଧାତୁର ବ୍ୟବହାର ହେଉଥିଲା, ପ୍ରାକୃତରେ ଏହି ଅର୍ଥରେ ଗଢ୍ ଏବଂ ଘଟ୍ ଆଦିଧାତୁର ବ୍ୟବହାର ହେଉଥିଲା। (ଘଟେର୍ଗଢଃ ୪/୪/112)

ଓଡ଼ିଆରେ ଗଢ଼ ଏବଂ ଘଟ ଧାତୁରେ ଗଠିତ କ୍ରିୟାପଦର ବ୍ୟବହାର ରହିଛି।

- ଭାଙ୍ଗିବା, ଅଲଗାକରିବା, ଟୁକୁରା କରିବା ଅର୍ଥରେ ସଂସ୍କୃତରେ 'ତୁଡ୍' ଧାତୁର ବ୍ୟବହାର ହୋଇଥାଏ। ପ୍ରାକୃତରେ ସେହି ସ୍ଥାନରେ ତୋଡ, ତୁଟ୍ଟ, ଖୁଟ୍ଟ, ଖୁଡୁ, ଉକ୍ଖୁଡ,ଉଲ୍ଲୁକ, ଣିଲ୍ଲୁକ, ଲୁକ୍କ, ଉଲ୍ଲୁର ଏବଂ ତୁଡ୍ ଆଦି ଧାତୁର ବ୍ୟବହାର ହୋଇଥାଏ। (ତୁଡେସ୍ତୋଡ଼-ତୁଟ୍ଟ-ଖୁଟ୍ଟ-ଖୁଡୋକ୍ଖୁ-ଡୋଲ୍ଲୁକ୍କ-ଣିଲ୍ଲୁକ୍କ-ଲୁକ୍କୋଲ୍ଲୁରାଃ ୪/୪/116)

ତୁଟ୍ଟ, ଖୁଟ୍ଟ, ଉଲ୍ଲୁର, ଉକ୍ଖୁଡ ଆଦି ଧାତୁରେ ଗଠିତ କ୍ରିୟାପଦର ବ୍ୟବହାର ଓଡ଼ିଆରେ ପରିଲକ୍ଷିତ। ଯଥା-

ତୁଟ୍ଟ(ତୁଟିଲା),ଖୁଟ୍ଟ(ଖୁଟୁଖୁଟୁ କରିବା), ଉଲ୍ଲୁର(ଉଲାରିବା), ଉକ୍ଖୁଡ(ଉଖାଡ଼ିବା)।

- ଘୁରିବା, ହଲିବା ଇତ୍ୟାଦି ଅର୍ଥରେ ସଂସ୍କୃତରେ ଯେଉଁଠି 'ଘୂର୍ଣ୍ଣ' ଧାତୁର ବ୍ୟବହାର ହେଉଥିଲା, ପ୍ରାକୃତରେ ଏହି ଅର୍ଥରେ ଘୁଳ, ଘୋଳ, ଘୁମ୍ମ ଏବଂ ପହଲ୍ଲ ଆଦି ଧାତୁର ବ୍ୟବହାର ହେଉଥିଲା। (ଘୂର୍ଣୋଘୁଳ-ଘୋଳ-ଘୁମ୍ମ-ପହଲ୍ଲାଃ ୪/୪/117)

ଘୋଳ, ଘୁମ୍ମ, ପହଲ୍ଲ ଆଦି ଧାତୁରେ ଗଠିତ କ୍ରିୟାପଦର ବ୍ୟବହାର ଓଡ଼ିଆରେ ପରିଲକ୍ଷିତ। ଯଥା-

ଘୋଳ(ଘୋଳଇ), ଘୁମ୍ମ(ଘୁମଇ), ପହଲ୍ଲ(ପହଲଇ)।

- ଗୁନ୍ଥିବା, ରଚିବା ଇତ୍ୟାଦି ଅର୍ଥରେ ସଂସ୍କୃତରେ ଯେଉଁଠି 'ଗ୍ରନ୍ଥ' ଧାତୁର ବ୍ୟବହାର ହେଉଥିଲା, ପ୍ରାକୃତରେ ଏହି ଅର୍ଥରେ ଗଂଠ ଏବଂ ଗଂଥ ଧାତୁର ବ୍ୟବହାର ହେଉଥିଲା।

ଗଂଠ ଧାତୁରେ ଗଠିତ କ୍ରିୟାପଦର ବ୍ୟବହାର ଓଡ଼ିଆରେ ପରିଲକ୍ଷିତ। ଗଂଠ(ଗଁଅଠେଇବା)

- ମର୍ଦନ କରିବା ଅର୍ଥରେ ସଂସ୍କୃତରେ ଯେଉଁଠି 'ମୃଦ୍' ଧାତୁର ବ୍ୟବହାର ହେଉଥିଲା, ପ୍ରାକୃତରେ ଏହି ଅର୍ଥରେ ମଳ, ମଢ଼, ପରିହଟ୍ଟ, ଖଡ୍ଡ, ଚଡ୍ଡ, ମଡ୍ଡ ଏବଂ ପନ୍ନାଡ୍ଡ ଧାତୁର ବ୍ୟବହାର ହେଉଥିଲା। (ମୃଦୋମଳ-ମଢ-ପରିହଟ୍ଟ-ଖଡ୍ଡ-ଚଡ୍ଡ-ମଡ୍ଡ-ପନ୍ନାଡ୍ଡାଃ ୪/୪/126)

ମଳ, ମଡ୍ଡ ଆଦି ଧାତୁରେ ଗଠିତ କ୍ରିୟାପଦର ବ୍ୟବହାର ଓଡ଼ିଆରେ ପରିଲକ୍ଷିତ। ଯଥା- ମଳ(ମଳଇ), ମଡ୍ଡ(ମୋଡ଼ଇ)।

- ଝଡ଼ିବା, ଟପଟପ୍ ହେବା ଅର୍ଥରେ ସଂସ୍କୃତରେ ଯେଉଁଠି 'ଶଦ୍' ଧାତୁର ବ୍ୟବହାର ହେଉଥିଲା ପ୍ରାକୃତରେ ସେହି ଅର୍ଥରେ ଝଡ୍ ଏବଂ ପକ୍ଖୋଡ ଧାତୁର ବ୍ୟବହାର ହେଉଥିଲା। (ଶଦୋ ଝଡ-ଜକ୍ଖୋଡୋ ୪/୪/130)

ଝଡ ଧାତୁରେ ଗଠିତ କ୍ରିୟାପଦର ବ୍ୟବହାର ଓଡ଼ିଆରେ ପରିଲକ୍ଷିତ। ଝଡ(ଝଡିବା)

- ଶୋଇବା ଅର୍ଥରେ ସଂସ୍କୃତରେ ଯେଉଁଠି 'ସ୍ୱପ୍' ଧାତୁର ବ୍ୟବହାର ହେଉଥିଲା ପ୍ରାକୃତରେ ସେହି ଅର୍ଥରେ କମବସ, ଲିସ, ଲୋଟ୍ଟ, ସୁଅ ଆଦି ଧାତୁର ବ୍ୟବହାର ହେଉଥିଲା। (ସ୍ୱପେଃ କମବସ-ଲିସ-ଲୋଟ୍ଟାଃ 8/4/146)

ଲୋଟ୍ଟ, ସୁଅ ଧାତୁରେ ଗଠିତ କ୍ରିୟାପଦର ବ୍ୟବହାର ଓଡ଼ିଆରେ ପରିଲକ୍ଷିତ। ଲୋଟ୍ଟ(ଲୋଟଇ), ସୁଅ(ସୁଅଇ)।

- ବିଳାପ ଅର୍ଥରେ ସଂସ୍କୃତରେ ଯେଉଁଠି 'ବି + ଲପ୍' ଧାତୁର ବ୍ୟବହାର ହେଉଥିଲା ପ୍ରାକୃତରେ ସେହି ଅର୍ଥରେ ଝଂଖ, ବଡବଡ, ବିଳବ ଆଦି ଧାତୁର ବ୍ୟବହାର ହେଉଥିଲା। (ବିଳପେ ର୍ଝଙ୍ଖ-ବଡବଡୌ 8/4/148)

ବଡ଼ବଡ଼, ବିଳବ ଧାତୁରେ ଗଠିତ କ୍ରିୟାପଦର ବ୍ୟବହାର ଓଡ଼ିଆରେ ପରିଲକ୍ଷିତ। ଯଥା- ବଡ଼ବଡ଼(ବଡ଼ ବଡ଼େଇବା), ବିଳବ(ବିଳିବିଳି ହେବା)

- ରୋକିବା ଅର୍ଥରେ 'ରୁଧ୍' ଧାତୁର 'ଧ' ସ୍ଥାନରେ ପ୍ରାକୃତରେ 'ନ୍ଧ' ଏବଂ 'ମ୍ଭ' ହୋଇଥାଏ। (ରୁଧୋନ୍ଧ-ମ୍ଭୌଚ 8/4/218)

ରୁଧ୍ – ରୁନ୍ଧ- ରୁନ୍ଧଇ
ରୁଧ୍ – ରୁମ୍ଭ- ରୁମ୍ଭଇ

- ବୁଲିବା, ଭ୍ରମଣ ଅର୍ଥରେ ସଂସ୍କୃତରେ ଯେଉଁଠି 'ଭ୍ରମ' ଧାତୁର ବ୍ୟବହାର ହେଉଥିଲା ପ୍ରାକୃତରେ ସେହି ଅର୍ଥରେ ଟିରିଟିଲ୍ଲ, ଢୁଂଢୁଲ୍ଲ, ଢଂଢଲ୍ଲ, ଚକ୍କମ୍ମ, ଭମ୍ମଡ, ଭମଡ, ଭମାଡ, ତଲଅଂଟ, ଝଂଟ, ଭୁମ, ଗୁମ, ଫୁମ, ଫୁସ, ଢୁମ, ଢୁସ, ପରୀ, ପର, ଭମ ଆଦି ଧାତୁର ବ୍ୟବହାର ହେଉଥିଲା। (ଭ୍ରମେଷ୍ଟିରିଟିଲ୍ଲ-ଢୁଂଢୁଲ୍ଲ-ଢଂଢଲ୍ଲ-ଚକ୍କମ୍ମ-ଭମ୍ମଡ-ଭମଡ-ଭମାଡ-ତଲଅଂଟ-ଝଂଟ-ଭୁମ-ଗୁମ-ଫୁମ-ଫୁସ-ଢୁମ-ଢୁସ-ପରୀ-ପରାଃ 8/4/161)

ଏହି ଉଦାହରଣରୁ ସ୍ପଷ୍ଟ ହୁଏ ଯେ ସଂସ୍କୃତରେ ଯେଉଁଠି ଗୋଟିଏ ଧାତୁର ବ୍ୟବହାର ହେଉଥିଲା ପ୍ରାକୃତରେ ସେହି ଅର୍ଥରେ ଏକାଧିକ ଧାତୁର ବ୍ୟବହାର ହେଉଥିଲା। ଅର୍ଥାତ୍ 'ସଂସ୍କୃତର ବିକୃତିରୁ ପ୍ରାକୃତ ସୃଷ୍ଟ'- ଉକ୍ତିଟି ସଂପୂର୍ଣ୍ଣରୂପେ ସତ୍ୟ ନୁହେଁ। ପ୍ରତ୍ୟୟ

ଓଡ଼ିଆରେ ବ୍ୟବହୃତ ପ୍ରାକୃତ ବିଭକ୍ତି ପ୍ରତ୍ୟୟ:

ଦ୍ୱିତୀୟା ବିଭକ୍ତିରେ 'ଏ' ପ୍ରତ୍ୟୟ :
ବୃକ୍ଷ + ଶସ୍ (ଜସ୍-ଶସୋର୍ଲୁକ୍ 8/3/4)
= ବୃକ୍ଷ + 0 (ଟାଣଶସ୍ୟେତ୍ 8/3/14)
= ବୃକ୍ଷେ – କିସ କିସ ଖାଇଲୁ ହୋ ସାହାଡା ବୃକ୍ଷେ ଧାୟି। (ମହାଭାରତ)

ତୃତୀୟା ବିଭକ୍ତିରେ 'ଣ' ପ୍ରତ୍ୟୟ :
କର + ଟା (ଟା-ଆମୋର୍ଣଃ 8/3/6)
= କର + ଣ (ଟାଣଶସ୍ୟେତ୍ 8/3/14)
= କରେ + ଣ= କରେଣ
କରେଣ ଘେନିଲେ ଦେବୀ ବିଜେ କର୍ଣ୍ଣ କଟାରି।(ମହାଭାରତ)

ପଞ୍ଚମୀ ବିଭକ୍ତିରେ 'ଉ' ପ୍ରତ୍ୟୟ :
ଫଳ + ଙସି (ଙସେସ ତ୍ତୋଦୋଦୁହିହିନ୍ତୋଲୁକ୍ 8/3/8)
= ଫଳ + ଦୁ (କ-ଗ-ଚ-ଜ-ତ-ଦ-ପ-ୟବାଂ ପ୍ରାୟୋ ଲୁକ୍8/1/177)
= ଫଳ+ ଉ (ବହୁଳମ୍ 8/1/2)
= ଫଳୁ – କାହିଂର ଫଳୁ ସୋମବଂଶ ୟେଡେକ ବିୟୋଗ।(ମହାଭାରତ)

ସପ୍ତମୀ ବିଭକ୍ତିରେ 'ଏ' ପ୍ରତ୍ୟୟ :
ନଉକା + ଙି (ଟାଙସ୍ ଙରେ ଦାଦିଦ୍ଦେବା ତୁ ଙସେଃ )
= ନଉକା + ଅ/ଇ/ଏ
= ନଉକାଅ/ ନଉକାଇ/ ନଉକାଏ
ନଉକାଏ – ୟେମନ୍ତେ ରାତ୍ରଦିବସେ ନଉକାଏ ଶୋଇଥାଇଂ।(ମହାଭାରତ)

**ଓଡ୍ର-ପ୍ରାକୃତର ବୈଶିଷ୍ଟ୍ୟ**:

ଖ୍ରୀ.ପୂ. ତୃତୀୟରୁ ପଞ୍ଚଦଶ ଶତାବ୍ଦୀ ମଧ୍ୟରେ ଓଡ଼ିଶାରେ ବ୍ୟବହୃତ ପ୍ରାକୃତ ଭାଷାରେ ପ୍ରାଚୀନ ଓଡ଼ିଆ ଭାଷାର କେତେକ ଲକ୍ଷଣ ବିଦ୍ୟମାନ ଯାହା ଅନ୍ୟାନ୍ୟ ପ୍ରାକୃତ (ଶୌରସେନୀ, ମାଗଧୀ, ଅର୍ଦ୍ଧମାଗଧୀ, ମହାରାଷ୍ଟ୍ରୀ, ପୈଶାଚୀ)ରେ ଲକ୍ଷ୍ୟ କରାଯାଏନାହିଁ। ଏହାକୁ ଓଡ୍ର-ବିଭାଷାର ଲକ୍ଷଣ କୁହାଯାଇପାରିବ।

- 'ଦ'ସ୍ଥାନରେ 'ତ'ବ୍ୟଞ୍ଜନର ପ୍ରୟୋଗ :

  ଦ<ତ:ଚେଦି<ଚେତି। ଚେତି ରାଜବଂସ ବଧନେନ (ହାତୀଗୁମ୍ଫା ଶିଳାଲେଖ)

ଓଡ଼ିଆ ଭାଷାରେ ଛିଦ୍ ଧାତୁର 'ଦ' ସ୍ଥାନରେ 'ତ' ବ୍ୟଞ୍ଜନର ବ୍ୟବହାର ରହିଛି।
ଛିଦ୍ ଛିତ ଛେତେରା।
ଗଛରୁ ଆମ୍ବଟି ପଡ଼ି **ଛେତେରା** ହୋଇଗଲା।

- ବର୍ଗ୍ୟ ବ୍ୟଞ୍ଜନର ପ୍ରଥମ ଏବଂ ତୃତୀୟ ବ୍ୟଞ୍ଜନ ସ୍ଥାନରେ ଦ୍ୱିତୀୟ ଏବଂ ଚତୁର୍ଥ ବ୍ୟଞ୍ଜନର ପ୍ରୟୋଗ:

  ଖ<କ:ଅଖଖସେ<ଅକର୍କଶେ।ଏ **ଅଖଖସେ** ଅଚଂଡ଼େ ସଖିନାଲମ୍ଭେ ହୋସତି ଏତଂ ଅଠଂ ଜାନିତୁ..... (ଧଉଳୀ ଶିଳାଲେଖ)

ଥ<ତ :ହଥୀ/ହାଥୀ<ହାତୀ<ହସ୍ତୀ।ହୟ-ହଥୀ-ରତନ-ମାନିକଂ ପଂଡରାଜା....... (ହାତୀଗୁମ୍ଫା ଶିଳାଲେଖ)

ଧ<ଦ :ଧିଲା<ଦେଲା।ଦୁଗ୍ଧାଭଟ ଆଚାଯେ ପାଣି ଧିଲା (ଦ୍ୱିଭାଷିକ ଶିଳାଲେଖ)

ଥ<ତ :ଭିଥର<ଭିତର, ହାଥ<ହାତ (ସିସୁବେଦ)

ଧ<ଦ :ଧୂରୁ<ଦୂରୁ। ସର୍ପିଣୀ ଦେଖି ଧୂରୁ ପଳାଏ। (ଅମରକୋଷ)

ଖ<କ :ଧୂର୍ମଖେତୁ<ଧୂମକେତୁ। ଧୂର୍ମଖେତୁ ଉଦୟେ ନୋହଇ ନା ଗଗନେ।(ରାମାୟଣ)

ଘ<ଗ :ଝିଘାଲିଲୁ<ଝିଙ୍ଗାଲିଲୁ। ତେଢ଼େ ମହାଧର୍ମ ଦେଲେ ଝିଘଲିଲୁ। (ରାମାୟଣ)

ଥ<ତ: ଭ୍ରଥ<ଭରତ।ଜମ୍ବୋ ଦ୍ୱୀପ ଭ୍ରଥଖଣ୍ଡ ମଧଭାଗ ମହୀ। (ରାମାୟଣ)

ଭ<ବ :ଉର୍ଭାସି<ଉର୍ବଶୀ।କାଳେଣ ଉର୍ଭାସି ଯେ ଦାସୀଗଣ ଘେନି। (ରାମାୟଣ)

ଠ<ଟ :ଲୁଠଇ<ଲୋଟଇ।ଆନନ୍ଦେ ଲୁଠଇ ଧରଣୀ।।10/5/2।।(ଭାଗବତ)

- 'ବୃ' ସ୍ଥାନରେ 'ରୁ' ବ୍ୟଞ୍ଜନର ପ୍ରୟୋଗ :

କଳ୍ପବୃକ୍ଷ>କପରୁଖ।ପଲବ ଭାର କପରୁଖେ ହୟ-ଗଜ-ରଧ-ସହୟାତି (ହାତୀଗୁମ୍ଫା ଶିଳାଲେଖ)

ବୃକ୍ଷକପି>ରୁକ୍ଷକପି।(ରାମାୟଣ)

ସଂସ୍କୃତ ମାନକ ଭାଷା ଥିବା ସମୟରେ ପ୍ରାକୃତ ଲୋକମୁଖର ଭାଷା ଥିଲା। ଭାରତବର୍ଷରେ ଉଭୟ ଭାଷା ସମାନ୍ତରାଳ ଭାବେ ଗତି କରିଛି। ସଂସ୍କୃତ ଅପେକ୍ଷା ଯଥେଷ୍ଟ ଅଧିକ ପ୍ରାକୃତ ଭାଷାର ଲକ୍ଷଣ ଓଡ଼ିଆ ଭାଷାରେ ଦ୍ରଷ୍ଟବ୍ୟ। ଏଣୁ ଓଡ଼ିଆ ଭାଷାର ମୂଳ ପ୍ରାକୃତ ଭାଷା। ପ୍ରାକୃତ ଓଡ୍ର ବିଭାଷାରୁ ଓଡ଼ିଆ ଭାଷାର ଜନ୍ମ।

**ସହାୟକ ଗ୍ରନ୍ଥସୂଚୀ**


1. ଆପ୍ଟେ, କା. ୱା., 'ଶ୍ରୀହେମଚନ୍ଦ୍ରକୃତ ପ୍ରାକୃତ ବ୍ୟାକରଣ', ଚୌଖମ୍ବା ସଂସ୍କୃତ ଭବନ, ବାରାଣସୀ, ପ୍ରଥମ ସଂସ୍କରଣ, 1996।
2. ଜୈନ, ଜଗଦୀଶଚନ୍ଦ୍ର, 'ପ୍ରାକୃତ ସାହିତ୍ୟକା ଇତିହାସ', ଚୌଖମ୍ବା ବିଦ୍ୟାଭବନ, ବାରାଣସୀ, ନୂତନ ସଂସ୍କରଣ, 2014।
3. ତ୍ରିପାଠୀ, କୁଞ୍ଜବିହାରୀ, 'ଓଡ଼ିଆ ଭାଷା ଓ ଲିପିର ବିବର୍ତ୍ତନ', ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର, ପ୍ରଥମ ସଂସ୍କରଣ, 1984।
4. ନାୟକ, କଳ୍ପତରୁ, 'ଭାଗବତର ଭାଷା ବିଶ୍ଳେଷଣ', ମିତା ବୁକସ୍, କଟକ, ପ୍ରଥମ ସଂସ୍କରଣ, 2017।
5. ଶାସ୍ତ୍ରୀ, ନେମିଚନ୍ଦ୍ର, 'ଅଭିନବ ପ୍ରାକୃତ ବ୍ୟାକରଣ', ତାରା ପବ୍ଲିକେଶନ, ବାରାଣସୀ, ପ୍ରଥମ ସଂସ୍କରଣ, 1962।
6. ସାରଳା ମହାଭାରତ, 'ସାରଳା ସାହିତ୍ୟ ସଂସଦ', କଟକ, ନୂତନ ସଂସ୍କରଣ, 2007।
7. ସାହୁ, କୃଷ୍ଣ ଚରଣ(ସଂ), 'ବଳରାମ ଦାସ ରଚନା ସମ୍ଭାର', ବିଜୟ ସେନାପତି ପବ୍ଲିକେଶନ, ଭୁବନେଶ୍ୱର, ସଂସ୍କରଣ, 2012।